BIJAYINEE

# ବିଜୟିନୀ

Quarterly News Letter

ତ୍ରୈମାସିକ ସୂଚନା ପତ୍ରିକା

ମହିଳା ଓ ଶିଶୁ ବିକାଶ ବିଭାଗ
ଓଡ଼ିଶା ସରକାର

OSCW
Odisha State Commission for Women

ସୁଭଦ୍ରା

ସଂଖ୍ୟା-୨ | ଜୁଲାଇ-ସେପ୍ଟେମ୍ବର ୨୦୨୫

## ରାଜ୍ୟ ମହିଳା ଆୟୋଗର ନୂତନ ଅଧ୍ୟକ୍ଷା ଓ ସଦସ୍ୟାଙ୍କ ଦାୟିତ୍ୱ ଗ୍ରହଣ



ଓଡିଶା ରାଜ୍ୟ ମହିଳା ଆୟୋଗର ନୂତନ ଅଧ୍ୟକ୍ଷା ଭାବେ ଶ୍ରୀମତୀ ଶୋଭନା ମହାନ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇ ତା ୧୧.୦୮ ୨୦୨୫ ରିଖ ଦିନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ସହ ମହିଳା ଆୟୋଗର ଅନ୍ୟ ସଦସ୍ୟାମାନେ ଯଥା ଶ୍ରୀମତୀ ଉର୍ମିଳା ମହାପାତ୍ର, ଶ୍ରୀମତୀ ପ୍ରତିଭା ଶତପଥୀ, ଡ. କଳ୍ପନା ମଲ୍ଲିକ ଓ ଶ୍ରୀମତୀ ମୁକ୍ତା ସାହୁ ପ୍ରଭୃତି ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହିଳା ଆୟୋଗ କାର୍ଯ୍ୟାଳୟରେ ଆୟୋଗର ଅଧିକାରୀ ଓ କର୍ମଚାରୀମାନେ ଅଧ୍ୟକ୍ଷା ଓ ସମସ୍ତ ସଦସ୍ୟାଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ ଜଣାଇଥିଲେ ।

ଦାୟିତ୍ୱ ଗ୍ରହଣ ପରେ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି କହିଛନ୍ତି ଯେ, ସମାଜର ଅସହାୟ, ଅବହେଳିତ ଓ ଅନ୍ୟ ସମସ୍ତ ମହିଳାଙ୍କ ସୁରକ୍ଷା ଓ ସେମାନଙ୍କ ଅଭିଯୋଗ ଶୁଣାଣୀ ସହ ନ୍ୟାୟ ପ୍ରଦାନ ପାଇଁ କାମ କରିବା ସହ ଗୁଣାତ୍ମକ ସ୍ତରରେ ପ୍ରତିଟି ମହିଳା କିପରି ସୁରକ୍ଷିତ ରହିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଥିଲେ ।

ଅଧ୍ୟକ୍ଷା ଏବଂ ସଦସ୍ୟାଗଣ ଅପରାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ମହିଳାଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ ।

## ଜାତୀୟ ମହିଳା ଆୟୋଗଙ୍କ ଦ୍ୱାରା ଦକ୍ଷତା ବିକାଶ ଓ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜିତ



ଅଗଷ୍ଟ ୨୨-୨୩, ୨୦୨୫- ଜାତୀୟ ମହିଳା ଆୟୋଗ ଦ୍ୱାରା ନୂଆକରି ଆୟୋଜିତ ଦୁଇ ଦିନିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗତ ଅଗଷ୍ଟ ୨୨ ଓ ୨୩ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ବ୍ୟାପୀ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିଲା । ଏହି ଦୁଇ ଦିନିଆ ଦକ୍ଷତା ବିକାଶ ଓ ଭାବ ବିନିମୟ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଓ ସମସ୍ତ ସଦସ୍ୟା ମାନେ ଯଥାକ୍ରମେ ଶ୍ରୀମତୀ ଉର୍ମିଳା ମହାପାତ୍ର, ଶ୍ରୀମତୀ ପ୍ରତିଭା ଶତପଥୀ, ଡ. କଳ୍ପନା ମଲ୍ଲିକ ଓ ଶ୍ରୀମତୀ ମୁକ୍ତା ସାହୁ ଇତ୍ୟାଦି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ଜାତୀୟ ମହିଳା ଆୟୋଗଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଅଧ୍ୟକ୍ଷା, ସଦସ୍ୟା ଓ ସଚିବ ମାନେ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ସହଯୋଗ ଓ ସହଭାଗିତାରେ ସମସ୍ତ ଅଂଶ ଗ୍ରହଣକାରୀମାନଙ୍କୁ ମହିଳାଙ୍କ ଅଧିକାର, ସୁରକ୍ଷା, ନିରାପତ୍ତା ଓ ସଶକ୍ତିକରଣ କ୍ଷେତ୍ରରେ ସଶକ୍ତ ହୋଇ କାର୍ଯ୍ୟ କରିବା ପାଇଁ ତାଲିମ୍ ପ୍ରଦାନ କରାଯାଇଥିଲା । ଏହା ସହ ଅଧ୍ୟକ୍ଷା ଓ ସଦସ୍ୟା ମାନଙ୍କୁ ନିଜର ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ସଚେତନ କରାଯାଇଥିଲା ।



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ ମହିଳା ଆୟୋଗର ନବ ନିଯୁକ୍ତ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି



ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ ମହିଳା ଆୟୋଗର ନବ ନିଯୁକ୍ତ ସଦସ୍ୟାଦ୍ୱୟ

Scanned with CamScanner

## ସମ୍ପାଦକୀୟ

ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଆୟୋଗର ତ୍ରୈମାସିକ ସୂଚନା ପତ୍ରିକା "ବିଜୟିନୀ" ର ଦ୍ୱିତୀୟ ସଂସ୍କରଣ ପ୍ରକାଶନର ସମ୍ପାଦନା କରିବା ମୋ' ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ । ଏହି ସୂଚନା ପତ୍ରିକା ମହିଳା ଆୟୋଗର କାର୍ଯ୍ୟକଳାପ ଓ କାର୍ଯ୍ୟକ୍ରମର ସୂଚନା ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ଅଟେ ।

ଆୟୋଗର ନୂତନ ସଦସ୍ୟାମାନେ ଦାୟିତ୍ୱ ଗ୍ରହଣ ପରେ ସମାଜର ପ୍ରତ୍ୟେକ ସ୍ତରରେ ମହିଳାଙ୍କ ସମ୍ମାନ, ସୁରକ୍ଷା, ମର୍ଯ୍ୟାଦା ଓ ସଶକ୍ତିକରଣକୁ ସୁଦୃଢ ଓ ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପ୍ରୟାସ ଜାରି ରଖିଛନ୍ତି । ଏଥି ପାଇଁ ଆୟୋଗର ସଦସ୍ୟାମାନଙ୍କ ସହ ଅଧ୍ୟକ୍ଷା ଭାବେ ମୁଁ ନିଜେ ତ୍ୱରିତ ବେଗରେ ମହିଳାଙ୍କ ଅଭିଯୋଗ ଶୁଣାଣି, ଶିବିର ଅଦାଲତ ଆୟୋଜନ, ଶକ୍ତି ସଦନ, ସଖୀ କେନ୍ଦ୍ର, କାରାଗାର, ମହିଳା ଓ ଶିଶୁ ଡେସ୍କ ଏବଂ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ କ୍ଷେତ୍ର ସ୍ତରରେ କାର୍ଯ୍ୟରତ ଅନ୍ୟାନ୍ୟ ଅନୁଷ୍ଠାନ ସମୂହର ପରିଦର୍ଶନ ସହ ମହିଳାଙ୍କ ପାଇଁ ସରକାରୀ ଯୋଜନା ଗୁଡିକର ଉପଯୁକ୍ତ କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛି ।

ମୁଁ ଆଶା କରୁଛି, ବିଜୟିନୀ ସୂଚନା ପତ୍ରିକା ମହିଳା ଆୟୋଗର କାର୍ଯ୍ୟକ୍ରମର ସୂଚନା ଓ ମହିଳାଙ୍କ ସାମୁହିକ ଉନ୍ନତି ପାଇଁ ଆୟୋଗର ସଂକଳ୍ପକୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ, ଅଂଶୀଦାର ଓ କ୍ଷେତ୍ର ସ୍ତରୀୟ ସମସ୍ତ କର୍ମଚାରୀ ଏବଂ ଜନ ସାଧାରଣଙ୍କ ନିକଟରେ ଉତ୍ତମ ରୂପେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଆମ ସମସ୍ତଙ୍କ ଧ୍ୟେୟ ହେଉ ଏହା ସୁନିଶ୍ଚିତ କରି ଆମେ ସହାନୁଭୂତି ଓ ସାହସର ସହ ଆଗକୁ ବଢିବା ।

ବନ୍ଦେ ଉତ୍କଳ ଜନନୀ...

ଶୋଭନା ମହାନ୍ତି
ଅଧ୍ୟକ୍ଷା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ

## ମହିଳା ଆୟୋଗ ଅଧକ୍ଷାଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ ଓ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ



ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ତା. ୦୧.୦୯.୨୦୨୫ରିଖ ଦିନ ଉଦଳା ଗସ୍ତ କରିଥିଲେ । ଗସ୍ତ ସମୟରେ ଅଧ୍ୟକ୍ଷା ମହୋଦୟା ଉଦଳା ନାଗପାଳସ୍ଥିତ ସଖୀ-ୱାନ୍-ଷ୍ଟପ୍ ସେଣ୍ଟର୍ ପରିଦର୍ଶନ କରିବା ସହ କେନ୍ଦ୍ରର କର୍ମଚାରୀମାନଙ୍କ ସହ ସଖୀ-କେନ୍ଦ୍ରର କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ସମ୍ପର୍କରେ ପଚାରି ବୁଝିଥିଲେ । ମହିଳାମାନେ କିପରି ପୋଷଣ ଯୋଜନାରେ ସାମିଲ୍ ହୋଇ ପୋଷଣ କାର୍ଯ୍ୟକ୍ରମର ସୁଫଳ ପାଇପାରିବେ ସେ ନେଇ କର୍ମଚାରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ତାପରେ ଉଦଳା ଥାନା ପରିଦର୍ଶନ କରି ଉକ୍ତ ଥାନାରେ କାର୍ଯ୍ୟକାରୀ ହେଉଥିବା ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଏହା ସହ ଉଦଳା ଗଣ ଦୁଷ୍କର୍ମ ଘଟଣା ବାବଦରେ ଅଧ୍ୟକ୍ଷା ମହୋଦୟା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଗଣଦୁଷ୍କର୍ମ ଘଟଣା ନାଟକକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ମହିଳା ଆୟୋଗ ଅଧକ୍ଷାଙ୍କ ବାଲେଶ୍ୱର ଗସ୍ତ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ



ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ସେପ୍ଟେମ୍ବର ମାସରେ ରେମୁଣା ବ୍ଲକ୍‌ର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି ପୋଷଣ କାର୍ଯ୍ୟର ତଦାରଖ କରିଥିଲେ । ଏହି ସମୟରେ ସେ ରେମୁଣା ବ୍ଲକ୍‌ର ସୁଡେଇ ପଞ୍ଚାୟତ ଓ ବଡ଼ପାଳ ପଞ୍ଚାୟତର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରର କର୍ମଚାରୀ, ଶିଶୁ ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସେ ବାଲେଶ୍ୱର ସଦର ବ୍ଲକ୍‌ସ୍ଥିତ ବାରାବାଟି ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ପୋଷଣ କାର୍ଯ୍ୟକ୍ରମ ପାଳନ ଅବସରରେ ବାଳିକାମାନଙ୍କୁ ପୋଷଣ ସମ୍ପର୍କରେ ବୁଝାଇଥିଲେ । ଏହାପରେ ସେ ରେମୁଣା ବ୍ଲକ୍‌ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ପୋଷଣ କାର୍ଯ୍ୟକ୍ରମରେ ଯୋଗଦାନ କରି ବାଳିକା ମାନଙ୍କୁ ଜାତୀୟ ପୋଷଣ କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ । ଗସ୍ତ ଶେଷ କାର୍ଯ୍ୟକ୍ରମ ଭାବେ ସେ ରେମୁଣାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁସ୍ଥ ନାରୀ-ସଶକ୍ତ ପରିବାର କାର୍ଯ୍ୟକ୍ରମରେ ଯୋଗଦାନ କରି ନାରୀ ମାନେ ସୁସ୍ଥ ରହିଲେ ପରିବାର ସୁସ୍ଥ ଓ ସଶକ୍ତ ହେବ ବୋଲି ମତ ପ୍ରକାଶ କରିଥିଲେ ।

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ - ମନୁସ୍ମୃତି"



Scanned with CamScanner

# ମହିଳା ଆୟୋଗ ଅଧକ୍ଷାଙ୍କ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା ଗସ୍ତ




ରାଜ୍ୟ ମହିଳା ଅୟୋଗ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଅଗଷ୍ଟ ମାସରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ବିଭିନ୍ନ ଶକ୍ତି ସଦନ ପରିଦର୍ଶନ କରିବା ସହ ମହିଳାମାନଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସରକାରୀ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ ପଚାରି ବୁଝିଥିଲେ। ସେଥିମଧ୍ୟରୁ ସ୍ୱିଡ୍,ଏନ୍‌ଜିଓ, ଜିଲ୍ଲା ନାରୀ ସଂଘ, ସୋସାଇଟି ଫର୍ ୱିକର କମ୍ୟୁନିଟି, ଫେଲୋସିପ୍ ଓ ନିଖିଳ ଉତ୍କଳ ହରିଜନ ଆଦିବାସୀ ସେବା ସଂଘ ଦ୍ୱାରା ପରିଚାଳିତ ୫ଟି ଶକ୍ତି ସଦନ ପରିଦର୍ଶନ କରି ଅନ୍ତେବାସୀଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ।

ଏହି ସମୟ ମଧ୍ୟରେ ସେ ଶକ୍ତି ସଦନର କର୍ମଚାରୀମାନଙ୍କ ସହ ଆଲୋଚନା କରିବା ସହ ଯୋଜନାର ସଠିକ୍ କାର୍ଯ୍ୟକାରୀ ଓ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସଖୀ-କେନ୍ଦ୍ର ପରିଦର୍ଶନ କରି ୱାନ୍-ଷ୍ଟପ୍ କେନ୍ଦ୍ରରେ ଯୋଜନାର କାର୍ଯ୍ୟକାରୀତା ସମ୍ପର୍କରେ କର୍ମଚାରୀମାନଙ୍କଠାରୁ ପଚାରି ବୁଝିଥିଲେ । ଏହି ଗସ୍ତ ସମୟରେ ଅଧକ୍ଷା ମହୋଦୟା ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲା କାରାଗାର ପରିଦର୍ଶନ କରି ସେଠାରେ ରହୁଥିବା ମହିଳା ଅନ୍ତେବାସୀଙ୍କ ସହ ସାକ୍ଷାତ କରି ସେମାନଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ । ସେହି ଗସ୍ତ ସମୟରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା ଚିକିତ୍ସାଳୟର ମହିଳା ୱାର୍ଡ଼ ପରିଦର୍ଶନ କରି ଡାକ୍ତର ଓ ରୋଗୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ଚିକିତ୍ସାଳୟ ପରିସରର ପରିମଳ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ ।

# ରାଜ୍ୟ ମହିଳା କମିଶନ ଅଧକ୍ଷାଙ୍କ କେନ୍ଦୁଝର ଗସ୍ତ



ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ଗତ ତା୩୦.୦୮ ୨୦୨୫ରିଖ ଦିନ କେନ୍ଦୁଝର ଜିଲ୍ଲା ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ସେ ମାଣ୍ଡୁଆ ଓ ବଣିଆପାଟସ୍ଥିତ ଦୁଇଟି ଶକ୍ତି ସଦନ ପରିଦର୍ଶନ କରି ଅନ୍ତେବାସିନୀଙ୍କ ସହ ଭାବ ବିନିମୟ କରିବା ସହ ସେମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନ କରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ସମୀକ୍ଷା କରିଥିଲେ । ସେହିପରି ଜିଲ୍ଲା ଚିକିତ୍ସାଳୟ ପରିସରରେ କାର୍ଯ୍ୟରତ ସଖୀ ୱାନ ଷ୍ଟପ କେନ୍ଦ୍ର ମଧ୍ୟ ପରିଦର୍ଶନ କରି ଉକ୍ତ ଯୋଜନା ମାଧ୍ୟମରେ ମହିଳାଙ୍କ ପାଇଁ ଉଦ୍ଧିଷ୍ଟ ଓ ଉପଲବ୍ଧ ସୁବିଧା ଓ ସୁଯୋଗ ବିଷୟରେ ପଚାରି ବୁଝିଥିଲେ । ଜିଲ୍ଲା ମଣ୍ଡଳ କାରାଗାର ଗସ୍ତ କରି ମହିଳା କଏଦୀମାନଙ୍କ ସୁବିଧା ଓ ଅସୁବିଧା ପଚାରି ବୁଝିଥିଲେ ଓ ସେମାନେ କିପରି ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ ସେନେଇ ଆଲୋଚନା ଓ ଆଲୋକପାତ କରିଥିଲେ । ସଦର ଥାନା ପରିସରରେ ଥିବା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନ କରି ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଧିଷ୍ଟ ବିଭିନ୍ନ ସୁବିଧା ଓ ସୁଯୋଗ ଏବଂ ଆଇନ ଗତ ପ୍ରକ୍ରିୟାର ତଦାରଖ କରିଥିଲେ । ଅଧକ୍ଷା ଶ୍ରୀମତୀ ମହାନ୍ତିଙ୍କ ଉକ୍ତ ଗସ୍ତ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଭାରତୀ ସାହୁ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ବାସନ୍ତୀ ମହାନ୍ତ ଏବଂ ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଜେନା ପ୍ରମୁଖ ଗସ୍ତରେ ସାମିଲ ହୋଇ ସହଯୋଗ କରିଥିଲେ ।

" ମହିଳାଙ୍କ ଉନ୍ନତି ବିନା ବିଶ୍ୱର କଲ୍ୟାଣ ଅସମ୍ଭବ- ସ୍ୱାମୀ ବିବେକାନନ୍ଦ "



Scanned with CamScanner

## ଆୟୋଗ ସଦସ୍ୟା ଶ୍ରୀମତୀ ଉର୍ମିଳା ମହାପାତ୍ରଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ:

### ଖୋର୍ଦ୍ଧା ଜିଲ୍ଲା



କ୍ୟାପିଟାଲ ହସ୍ପିଟାଲ ପରିସର ସଖୀ - ୱାନ୍‌ଷ୍ଟପ୍ ସେଣ୍ଟର୍



ଶକ୍ତି ସଦନ-୨



ଖୋର୍ଦ୍ଧା ଜିଲ୍ଲା କାରାଗାର



ସାମନ୍ତରାପୁରରେ ଭୈରବୀ କ୍ଲବ ଦ୍ୱାରା
ପରିଚାଳିତ ଶକ୍ତି ସଦନ



ଏଆଇଆଇଏମ୍ଏସ୍, ଭୁବନେଶ୍ୱର

### ପୁରୀ ଜିଲ୍ଲା



ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶକ୍ତି ସଦନ-୧



କଣାସରେ ନୀଳାଚଳ ସେବା ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ଶକ୍ତି ସଦନ

> "ଶିକ୍ଷା ଆଧାରିତ ଆର୍ଥିକ ସ୍ୱାବଲମ୍ବନ ହିଁ ମହିଳା ସଶକ୍ତିକରଣର ଭିତ୍ତି - ସୁଧା କୃଷ୍ଣମୂର୍ତ୍ତି"



Scanned with CamScanner

## ଆୟୋଗ ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ:

### କଟକ ଜିଲ୍ଲା



ଶୈଳବାଳା ମହିଳା ମହାବିଦ୍ୟାଳୟ




କୁସୁମ ଦେବୀ ମହିଳା ମହାବିଦ୍ୟାଳୟ, କଟକ



ମମତା ଶକ୍ତି ସଦନ



କନ୍ଦରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁସ୍ଥ ନାରୀ - ସଶକ୍ତ ପରିବାର କାର୍ଯ୍ୟକ୍ରମ

### ଢେଙ୍କାନାଳ ଜିଲ୍ଲା



ସଖୀ-ୱାନ ଷ୍ଟପ ସେଣ୍ଟର



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ



ଜିଲ୍ଲା କାରାଗାର

### ଅନୁଗୁଳ ଜିଲ୍ଲା



ମହର୍ଷି ଦୟାନନ୍ଦ ସେବା ମିଶନ ଦ୍ୱାରା ପରିଚାଳିତ ଶକ୍ତି ସଦନ



ସଖୀ-ୱାନ ଷ୍ଟପ ସେଣ୍ଟର




ଜିଲ୍ଲା କାରାଗାର

> "ନାରୀଶକ୍ତି ହେଉଛି ସୃଜନ, ପାଳନ ଏବଂ ପରିବର୍ତ୍ତନର ମୂଳାଧାର - କିରଣ ବେଦୀ"



Scanned with CamScanner

## ଆୟୋଗ ସଦସ୍ୟା ଡ. କଳ୍ପନା ମଲ୍ଲିକଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ:

### କେନ୍ଦ୍ରାପଡ଼ା ଜିଲ୍ଲା


କେନ୍ଦ୍ରାପଡ଼ା ମହିଳା ମହାବିଦ୍ୟାଳୟ


ରମାଦେବୀ ନର୍ସିଙ୍ଗ କଲେଜ


ଜିଲ୍ଲା କାରାଗାର


ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ମହାବିଦ୍ୟାଳୟ


ପଟ୍ଟାମୁଣ୍ଡାଇ ଦାଣ୍ଡି ସାହି ମହାବିଦ୍ୟାଳୟ

### ଯାଜପୁର ଜିଲ୍ଲା



ବରୀ ବ୍ଲକ କାଶୀନାଥ ମହାବିଦ୍ୟାଳୟ, କାଇପଡ଼ା


କାଦମ୍ବିନୀ ମହିଳା ମହାବିଦ୍ୟାଳୟ

> "ନାରୀ ଶିକ୍ଷିତ ହେଲେ ପୂରା ପରିବାର ସହ ରାଷ୍ଟ୍ର ଶିକ୍ଷିତ ହେବ - ସାବିତ୍ରୀବାଈ ଫୁଲେ"



Scanned with CamScanner

# ଆୟୋଗ ସଦସ୍ୟା ଶ୍ରୀମତୀ ମୁକ୍ତା ସାହୁଙ୍କ ବିଭିନ୍ନ ଅନୁଷ୍ଠାନ ପରିଦର୍ଶନ:

## ସମ୍ବଲପୁର ଜିଲ୍ଲା



ସୁସ୍ଥ ନାରୀ - ସଶକ୍ତ ପରିବାର କାର୍ଯ୍ୟକ୍ରମ ସହ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ



ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ମିଶନ ଶକ୍ତି ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ



ମହିଳା ମହାବିଦ୍ୟାଳୟ



ଜିଲ୍ଲା କାରାଗାର




ମହିଳା ପୋଲିସ ଥାନା

## ନୂଆପଡା ଜିଲ୍ଲା



ସୁସ୍ଥ ନାରୀ - ସଶକ୍ତ ପରିବାର କାର୍ଯ୍ୟକ୍ରମ ସହ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ



ମିଶନ ଶକ୍ତି କାର୍ଯ୍ୟକ୍ରମ



ବିଜ୍ଞାନ ମହାବିଦ୍ୟାଳୟ



ସହଜାତର ଆଦିବାସୀ ଛାତ୍ରୀ ନିବାସ

## ବରଗଡ଼ ଜିଲ୍ଲା



ସୁସ୍ଥ ନାରୀ - ସଶକ୍ତ ପରିବାର କାର୍ଯ୍ୟକ୍ରମ ସହ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ



ଭାରତୀ ରୋଡରେ NAM କୌଶଳ ବିକାଶ ତାଲିମ କେନ୍ଦ୍ର ପରିଦର୍ଶନ

> "ମହିଳା ସଶକ୍ତ ହେଲେ ସମାଜର ସ୍ଥିରତା ସୁନିଶ୍ଚିତ ହୁଏ- ଡଃ ଏ.ପି.ଜେ. ଅବଦୁଲ କଲାମ୍"



Scanned with CamScanner

# ମହିଳା ଆୟୋଗ ପରିଦର୍ଶନକାରୀ ଟିମଙ୍କ ଦ୍ୱାରା ଶକ୍ତି ସଦନ, ସଖୀ ୱାନ୍ ଷ୍ଟପ୍ କେନ୍ଦ୍ର ଓ କାରାଗାର ପରିଦର୍ଶନ




ମହିଳାଙ୍କ ଯତ୍ନ, ସୁରକ୍ଷା ଓ ଉପଯୁକ୍ତ ଥଇଥାନ ପାଇଁ ଶକ୍ତି ସଦନ ଯୋଜନା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି। ଉକ୍ତ ଯୋଜନାର ତୃଣମୂଳ ସ୍ତରରେ ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ମହିଳା ଆୟୋଗର ବରିଷ୍ଠ କ୍ଷେତ୍ରାଧିକାରୀ ଶ୍ରୀମତୀ ବିଜୟିନୀ ସିଂ ଏବଂ କାର୍ଯ୍ୟକ୍ରମ ପରାମର୍ଶଦାତା ଡ. ଏନ ଚୁନା ସାହୁଙ୍କୁ ନେଇ ଗଠିତ ପରିଦର୍ଶନ ଟିମଦ୍ୱାରା ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶକ୍ତି ସଦନ ଗୃହ, ସଖୀ-ୱାନ୍ ଷ୍ଟପ୍ କେନ୍ଦ୍ର ଓ ଜିଲ୍ଲା କାରାଗାର ପ୍ରଭୃତି ପରିଦର୍ଶନ କରାଯାଉଛି। ଏହି ପରିଦର୍ଶନ ସମୟରେ ଶକ୍ତି ସଦନ ସ୍କିମର ଉପଯୁକ୍ତ ଓ ସଫଳ କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ସହ ସେଠାରେ ଆଶ୍ରିତ ଅନ୍ତେବାସୀଙ୍କ ପାଇଁ ଉପଲବ୍ଧ ସରକାରୀ ସୁବିଧା ଓ ସେବା ସମ୍ପର୍କରେ ଅନୁଧ୍ୟାନ କରାଯାଏ। ସେହିପରି ସଖୀ -ୱାନ୍ ଷ୍ଟପ୍ କେନ୍ଦ୍ର ଓ କାରାଗାର ପରିଦର୍ଶନ ଦ୍ୱାରା ସେଠାରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଓ ଉପଲବ୍ଧ ସରକାରୀ ଯୋଜନା ଓ ସୁବିଧା ସୁଯୋଗର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରାଯାଏ। ଏହି ଉପଲକ୍ଷେ ଜୁଲାଇ ମାସରେ ଉକ୍ତ ଟିମ ଅନୁଗୁଳ ଜିଲ୍ଲାସ୍ଥିତ ତିନୋଟି ଶକ୍ତି ସଦନ ପରିଦର୍ଶନ କରିବା ସହ ଅନୁଗୁଳ ଜିଲ୍ଲାର ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସରରେ କାର୍ଯ୍ୟରତ ସଖୀ-ୱାନ୍ ଷ୍ଟପ୍ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ଉକ୍ତ ଟିମ ଖୋର୍ଦ୍ଧା ଜିଲ୍ଲା ପାଇଁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସପିଟାଲ ପରିସରରେ କାର୍ଯ୍ୟରତ ସଖୀ-ୱାନ୍ ଷ୍ଟପ୍ କେନ୍ଦ୍ର ଏବଂ ଲକ୍ଷ୍ମୀସାଗର ସ୍ଥିତ ସ୍ୱତନ୍ତ୍ର କାରାଗାର ପରିଦର୍ଶନ କରିଥିଲେ।

## ଆଇନ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ କାର୍ଯ୍ୟକ୍ରମ :



ଆଇନ ଓ ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ମହିଳା ଆଇନ ସମ୍ପର୍କିତ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆୟୋଗ ତରଫରୁ ନିୟମିତ ଭାବେ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜୁଲାଇ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ସମୁଦାୟ ୪୧ ଜଣ ଛାତ୍ରଛାତ୍ରୀ ଓଡ଼ିଶାର ବିଭିନ୍ନ ଆଇନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଯୋଗଦାନ କରି ମହିଳା ଆଇନ ସମ୍ପର୍କିତ ଇଣ୍ଟର୍ଣ୍ଣସିପ୍ ତାଲିମ ଗ୍ରହଣ କରିଛନ୍ତି। ତାଲିମ ସମୟରେ ଛାତ୍ରଛାତ୍ରୀମାନେ ଅଭିଯୋଗ ଶୁଣାଣୀ, କେସ ଷ୍ଟଡି ବିଶ୍ଳେଷଣ, ଗୋଷ୍ଠୀଗତ ଉପସ୍ଥାପନା ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଇଣ୍ଟର୍ଣ୍ଣସିପ୍ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରି ଆୟୋଗରେ ଇଣ୍ଟର୍ଣ୍ଣସିପ୍ ତାଲିମ ସମାପ୍ତ କରିଛନ୍ତି।

## ମହିଳା ଆୟୋଗ ଦ୍ୱାରା ଜିଲ୍ଲା ସ୍ତରୀୟ ଶିବିର ଅଦାଲତ ଆୟୋଜିତ



ସ୍ୱଳ୍ପ ସମୟ ମଧ୍ୟରେ ବିବାଦର ସମାଧାନ ତଥା ବିକଳ୍ପ ଅଭିଯୋଗ ସମାଧାନ ପ୍ରକ୍ରିୟା ଭାବେ ଅଭିଯୋଗକାରୀଙ୍କୁ ନିଜ ବାସଗୃହ ନିକଟରେ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗରେ ଜିଲ୍ଲା ସ୍ତରୀୟ ଶିବିର ଅଦାଲତ ଆୟୋଜନ କରାଯାଏ । ଏହି ଶିବିର ଅଦାଲତ କାର୍ଯ୍ୟକ୍ରମ ମାଧ୍ୟମରେ ଜୁଲାଇ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ଜିଲ୍ଲା ସ୍ତରୀୟ ଶିବିର ଅଦାଲତ ଯଥାକ୍ରମେ ନୟାଗଡ଼ (୩୦.୦୭.୨୦୨୫) ଓ ଜଗତସିଂହପୁର ଜିଲ୍ଲାରେ (୨୨.୦୮.୨୦୨୫) ଓ କେନ୍ଦ୍ରାପଡ଼ା ଜିଲ୍ଲାରେ (୨୪.୦୯.୨୦୨୫) ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତିନୋଟି ଶିବିର ଅଦାଲତରେ ନୟାଗଡ଼ ଜିଲ୍ଲାରେ ୧୮ ଟି ଅଭିଯୋଗର ଫଏସଲା ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୧୧ ଟି ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ସମୁଦାୟ ୨୩ ମାମଲାର ଯଥାକ୍ରମେ ହୋଇ ଫଏସଲା ହୋଇଥିଲା।

# ମହିଳା ଆୟୋଗ କର୍ମଚାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଜୁଲାଇ ୩୧ ତାରିଖ ଦିନ ମହିଳା ଆୟୋଗର ବରିଷ୍ଠ ଗାଡ଼ି ଚାଳକ(ଡ୍ରାଇଭର୍) ଶ୍ରୀଯୁକ୍ତ କବିନ୍ଦ୍ର ଜେନାଙ୍କୁ ମହିଳା ଆୟୋଗ ତରଫରୁ ସରକାରୀ ସେବାରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏ ସମ୍ପର୍କରେ ମହିଳା ଆୟୋଗ ସଭା ଗୃହରେ ଆବାହକ ସଚିବ ଶ୍ରୀ ବିବେକାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଆୟୋଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀଯୁକ୍ତ କବିନ୍ଦ୍ର ଜେନାଙ୍କୁ ତାଙ୍କର ନିରଳସ ସରକାରୀ ସେବା ପାଇଁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଭାରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଶ୍ରୀ କବିନ୍ଦ୍ର ଜେନାଙ୍କ ସେବା ନିବୃତ୍ତ ପରବର୍ତ୍ତୀ ଜୀବନ ସୁଖ, ସମୃଦ୍ଧି ଓ ଆନନ୍ଦମୟ ହେଉ ବୋଲି ସମସ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଥିଲେ । ସଭା ଶେଷରେ ବିଭିନ୍ନ ଉପହାର ସହ କର୍ମଚାରୀମାନେ କବିନ୍ଦ୍ରଙ୍କୁ ଏକ ଗାଡ଼ିରେ ସସମ୍ମାନ ନିଜ ଘରେ ନେଇ ଛାଡ଼ିଥିଲେ ।

## ଦେୟମୁକ୍ତ ହେଲ୍ପ ଲାଇନ୍

| | |
|---|---|
| ଆପାତ କାଳୀନ ସହାୟତା | ୧୧୨ |
| ମହିଳା ସହାୟତା | ୧୮୧ |
| ଶିଶୁ ସହାୟତା | ୧୦୯୮ |
| ସାଇବର୍ ଅପରାଧ ସହାୟତା | ୧୯୩୦ |
| ଆମ୍ବୁଲାନ୍ସ ସହାୟତା | ୧୦୮ |
| ଜନନୀ ଆମ୍ବୁଲାନ୍ସ ସହାୟତା | ୧୦୨ |
| ସ୍ଥାନୀୟ ପୋଲିସ ସହାୟତା | ୧୦୦ |
| ସୁଭଦ୍ରା ସହାୟତା | ୧୪୬୭୮ |
| ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ | ୧୪୪୧୬ |

**ରାଜ୍ୟ ମହିଳା କମିଶନ**

**୧୮୦୦-୩୪୫-୭୮୪୦**

**ମୁଖ୍ୟ ସମ୍ପାଦିକା:** ଶୋଭନା ମହାନ୍ତି, ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନ | **କାର୍ଯ୍ୟନିର୍ବାହୀ ସମ୍ପାଦକ:** ବିବେକାନନ୍ଦ ସାହୁ, ଓ.ପ୍ର.ସେ., ଆବାହକ ସଚିବ | **ସହାୟକ ସମ୍ପାଦନା ମଣ୍ଡଳୀ:** ଡ. ଏନ୍ ଚୁନା ସାହୁ, ଦେବାଶିଷ ମହାନ୍ତି, ଅରବିନ୍ଦ ପଟ୍ଟନାୟକ

**ପ୍ରକାଶକ:** ଓଡ଼ିଶା ରାଜ୍ୟ ମହିଳା ଆୟୋଗ | ଦୂରଭାଷ: ୦୬୭୪-୨୫୭୩୮୫୦, ୨୫୭୩୮୭୦ | ହ୍ୱାଟ୍ସଆପ୍ : ୮୭୬୩୫୪୩୦୧୩ | ଇ-ମେଲ୍: oscw.od@nic.in, oscw.od1@gmail.com